# Akashvani, Sambalpur

## SAMBALPURI NEWS BULLETIN

### 1 August 2025 - 6.47- 6.52 am.

*********************************************

ସେତୁ ମରାମତି ନୀତି I&PR

ପୂର୍ତ୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଗଲାକାଏଲ୍ ରାଜ୍ୟ ସେତୁ ମରାମତି ନୀତି ଉନ୍ମୋଚନ୍ କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ବୈଠକ୍ କରିକରି ରାଏଜେ ଚାଲିଥିବା ୫୦ କୋଟିନୁ ଅଏତ୍‌କା ଟଙ୍କାର୍ ପ୍ରକଳ୍ପ କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ହିରଚନ୍ଦନ୍ ଖୋବ୍ ଜଲ୍‌ଦି ରାସ୍ତା ମରାମତି ନୀତି ଭିଲ୍ ଅନାଯିବା ବଲି କହିଛନ୍ । ବୈଠକ୍‌ଥି ପୂର୍ତ୍ତ ବିଭାଗ୍‌ର କାମ୍‌କେ ଆହୁରି କ୍ରୀୟାଶୀଳ କର୍‌ବାର୍ ଲାଗି ଓ୍ୱାମିସ୍ ଆଉ ଓସ୍ୱାସ୍ କାର୍ଯ୍ୟପ୍ରଣାଳୀ ଅପ୍‌ନାବାର୍‌କେ ମନ୍ତ୍ରୀ ଜୋର୍ ଦେଇଛନ୍ । ରାଜ୍ୟର୍ ଶକ୍ତିପୀଠମାନ୍‌କର୍ ପାରିପାର୍ଶ୍ୱିକ ଉନ୍ନତି କାମ୍ ଜଲ୍‌ଦି କର୍‌ବାର୍, ଜିଲ୍ଲାମାନ୍‌କେ ତିଆରି ଚାଲିଥିବା ସୁଇମିଂପୁଲ୍ ମାନ୍‌କର୍ ଗୁଣବତା ବଢ଼ାବାର୍, ଭିନ୍ ଭିନ୍ ରିଂରୋଡ୍ ତିଆରି କାମ୍ ଜଲ୍‌ଦି ସାର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ପି.ଏମ୍. ଫସଲ୍ ବୀମା I&PR

ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାର୍ ପଞ୍ଜିକରଣ୍ ସମିଆକେ ସର୍‌କାର୍ ଅଗଷ୍ଟ ୧୪ ତାରିଖ୍‌ତକ୍ ବଢ଼େଇଛନ୍ । ଇ ସମିଆଥି ରାଜ୍ୟର୍ ଚାଷୀମାନେ ଖରିଫ୍ ଚାଷ୍‌ର ବୀମାର୍ ଲାଗି ତୁର୍‌ତି ପଞ୍ଜିକରଣ୍ କରାବାର୍‌କେ ରାଜ୍ୟ ସମବାୟ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଚାଷୀମାନେ ପେକ୍ସ, ଲେମ୍ପ୍ସ, ଜନସେବା କେନ୍ଦ୍ର, ସମବାୟ ବେଙ୍କ୍ ଆଉ ଭିନ୍ ଭିନ୍ ବେଙ୍କ୍‌ର ଶାଖା ନୁ ପଞ୍ଜିକରଣ୍ କରିପାର୍‌ବେ ।

ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରିଫ୍ ଧାନ୍ ବିକ୍ରି ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟାକେ ରାଜ୍ୟ ସର୍‌କାର୍ ଆହୁରି ସରଲ୍ କରିଛନ୍ । ବାପା କି ଭାଇ ଯାହାର୍ ନାଁଥି ଭିଲ୍ ରେକର୍ଡ଼ ଥିଲେ ଚାଷୀମାନେ ସେଲ୍ଫ ଡିକ୍ଲାରେସନ୍ ଫର୍ମଥି ଦସ୍ତଖତ୍ କରିକରି ପଞ୍ଜିକରଣ୍ କରିପାର୍‌ବେ । ସର୍‌କାର୍ ଇଥିର୍‌ଲାଗି ଖାସ୍ ଫର୍ମ ଜାରି କରିଛନ୍ ।

ଶିକ୍ଷକ ବଦ୍‌ଲି - ହାଇକୋର୍ଟ ଆର୍‌ଏନ୍‌ୟୁ/ କଟକ୍

ଶିକ୍ଷକ୍‌ମାନ୍‌କର୍ ବଦ୍‌ଲି ଲାଗି ସାଂସଦ୍ ଆଉ ବିଧାୟକ୍ ମାନ୍‌କର୍ ସୁପାରିଶ୍ ବାବଦ୍ ଗୁଟେ ମାମ୍‌ଲାର୍ ଶୁଣାଣି କରିକରି ଓଡ଼ିଶା ହାଇକୋର୍ଟ ରାଜ୍ୟ ସର୍‌କାର୍‌ଙ୍କୁ ନୋଟିସ୍ ଜାରି କରିଛନ୍ । ଇତାର୍‌ସହେତେ ଆବେଦନ୍‌କାରୀ ଶିକ୍ଷକ୍‌ମାନ୍‌କର୍ ବଦ୍‌ଲି ନିର୍ଦ୍ଦେଶ୍ ଉପ୍‌ରେ ମଧ୍ୟବର୍ତ୍ତୀକାଲୀନ୍ ରହିତାଦେଶ୍ ଜାରି କରିଛନ୍ । ୪ ହପ୍ତା ଉତ୍‌ରୁ ମାମ୍‌ଲାର୍ ଶୁଣାଣି କର୍‌ବାର୍‌କେ ହାଇକୋର୍ଟ ଧାରିଜ୍ କରିଛନ୍ । ସୂଚ୍‌ନା ଅନ୍‌ସାରେ ରାଏଜେ ସାଂସଦ୍ ଆଉ ବିଧାୟକ୍ ମାନ୍‌କର୍ ସୁପାରିଶ୍ ଜରିଏ ଶିକ୍ଷକ୍‌ମାନ୍‌କର୍ ବଦ୍‌ଲି କରାଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଅନୁମତି ଦିଆଯାଇଥିଲା । ଇତାକେ ଚେଲେଞ୍ଜ୍ କରିକରି କେତେଝନ୍ ଶିକ୍ଷକ୍ ହାଇକୋର୍ଟ ନ ଆବେଦନ୍ କରିଥିଲେ ।

ପୁରୀ ଦଲାଚକ୍‌ଟା ଘଟ୍‌ନା ରିପୋର୍ଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ରଥ୍‌ଯାତ୍ରା ଦଲାଚକ୍‌ଟା ଘଟ୍‌ନାର୍ ତଦନ୍ତ୍ ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ତଦନ୍ତ ଅଧିକାରୀ ଆଉ ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଗଲାକାଏଲ୍ ଦେଇଛନ୍ । ଜୁନ୍ ୨୯ ତାରିଖ୍ ଦିନ କେନ୍ ପରିସ୍ଥିତିଥି ଅଘଟନ୍ ଘଟିଥିଲା ଆଉ ଇଥିର୍‌ଲାଗି କିଏ ଦାୟୀ ରହିଛନ୍ ସେ ଉପ୍‌ରେ ଶ୍ରୀମତୀ ଗର୍ଗ ତଦନ୍ତ କରିଥିଲେ । ଶ୍ରୀମନ୍ଦିର୍ ପ୍ରଶାସନ୍‌ର ଅଧିକାରୀ, ପୁଲିସ୍ ଅଧିକାରୀ ଆଉ ସାଧାରଣ୍ ଲୁକ୍‌କର୍ ଭିତ୍‌ରୁ ୬୭

ଜନ୍‌କର୍ ସାକ୍ଷ୍ୟ ଗ୍ରହଣ୍ କର୍‌ବାର୍ ଉତ୍‌ରୁ ଶ୍ରୀମତୀ ଗର୍ଗ -ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଇଥିବାର୍ ଜନାପଡ଼ିଛେ ।

ବିଇଡ଼ି, ବିଏଚ୍‌ଇଡି, ଏମ୍‌ଇଡି ନାଁଲେଖା I&PR

ଉଚ୍ଚଶିକ୍ଷା ବିଭାଗ୍ ତରଫୁ ୨୦୨୫-୨୬ ଶିକ୍ଷା ବଛରେ ବିଇଡ଼ି, ବିଏଚ୍‌ଇଡି, ଏମ୍‌ଇଡି ପାଠ୍ୟକ୍ରମ୍ ଲାଗି ପରିବର୍ତ୍ତିତ୍ ନାଁଲେଖା ତାରିଖ୍ ଘୋଷ୍‌ନା କରାଯାଇଛେ । ଆଏଜ୍ ଦିନର୍ ୧୧ ବଜେ ପ୍ରବେଶିକା ପରୀକ୍ଷା ଫଲ୍ ସାମ୍ସ ପୋର୍ଟାଲ୍‌ଥି ବାହାର୍‌ବା । ଛାତ୍ରଛାତ୍ରୀ ଆଏଜ୍ ଉପର୍‌ବେଲା ୪ ବଜେନୁ ଆଏବା ୪ ତାରିଖ୍‌ତକ୍ ଚଏସ୍ ଲକିଂ କରିପାର୍‌ବେ । ୮ ତାରିଖ୍ ପହେଲା ଖେପ୍ ସିଟ୍ ଆବଂଟନ୍ ତାଲିକା ବାହାର୍‌ବାର୍ ଉତ୍‌ରୁ ଛାତ୍ରଛାତ୍ରୀମାନେ ୧୧ ନୁ ୧୩ ତାରିଖ୍ ଭିତ୍‌ରେ ପହେଲା ଖେପ୍‌ଥି ନାଁ ଲେଖେଇପାର୍‌ବେ ।

ସମ୍ବଲପୁରୀ ଦିନ ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲପୁରୀ ସାହିତ୍ୟର ନାଁକରା କବି ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନମ୍‌ଦିନ୍ ଅବ୍‌ସରେ ଆଏଜ୍ ସମ୍ବଲ୍‌ପୁରୀ ଦିନ୍ ପାଲନ୍ କରାଯାଉଛେ । ୨୦୧୩ ମସିହା ନୁ ତାଙ୍କର୍ ଶହେ ବଛର୍ ଜୟନ୍ତୀ ଦିନୁ

ଇ ଦିବସ୍ ପାଲନ୍ କରାଯାଉଛେ । ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର ଦିଗେ ତାଙ୍କର ବଡ ଅବଦାନ ରହିଛେ । ଇ ଦିବସ୍ ନ ସମ୍ବଲ୍‌ପୁରୀ ହସ୍ତତନ୍ତର ବସ୍ତ୍ର ପିନ୍ଧ୍‌ବାର୍ ଚଲନ୍ ରହିଛେ ।

ପର୍ଶ୍ଚିମାଂଚଲ୍ ଏକତା ମଂଚ୍ ଆଉ ସମ୍ବଲପୁରୀ ଏକ୍‌ତା ମଂଚ ତର୍‌ଫୁ ସମ୍ବଲପୁରୀ ଦିନ୍ ଉଲ୍‌ଗୁନେ ଗଲାକାଏଲ୍‌ଠାନୁ ୨ ଦିନିଆ  କାର୍ଯ୍ୟକ୍ରମ୍ ଚାଲିଛେ ।

ବିଶ୍ୱ ସ୍ତନ୍ୟପାନ ସପ୍ତାହ                I&PR

ଛୁଆମାନ୍‌କର୍ ସ୍ୱାସ୍ଥ୍ୟ ଲାଗି ମା'ର୍ ଗୁରସ୍ ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍‌ଠାନୁ ପାଲନ୍ କରାଯାଉଛେ ବିଶ୍ୱ ସ୍ତନ୍ୟପାନ ସପ୍ତାହ । ଇ ଅବ୍‌ସରେ ସାରା ପୁର୍‌ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ କରାଯାଏସି । ରାଜ୍ୟ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଆଏବା ହପ୍ତେତକ୍ ଲୁକ୍‌କୁ ସଚେତନ୍ କରାଯିବାର୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା ।

ଆକାଶବାଣୀ ଅଧିକାରୀ ଅବସର          ଆର୍‌ଏନ୍‌ୟୁ/ସମ୍ବଲପୁର

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ହେଲ୍‌ପର୍ ରବୀନ୍ଦ୍ର କୁମାର୍ ବାର୍ଲା ଗଲାକାଏଲ୍ ଚାକିରୀ ନୁ ଅବସର ନେଇଛନ୍ । ଶ୍ରୀ ବାର୍ଲା ୧୯୯୨ ସାଲୁ

ଝାର୍ସୁଗୁଡ଼ା ଦୂର୍ଦର୍ଶନ୍ ଏଲ୍ପିଟିନୁ ତାଙ୍କର୍ ଚାକିରୀ ଜୀବନ୍ ମୁଲ୍ କରିଥିଲେ । ୨୮ ବଛର୍ କାମ୍ କର୍ବାର୍ ଉତ୍ରୁ ୨୦୨୦ ମସିହା ବେଲ୍କେ ଆକାଶ୍ବାଣୀ ସମ୍ବଲ୍ପୁର୍ କେନ୍ଦ୍ର ନ ଯୋଗ୍ ଦେଇଥିଲେ । ଆକାଶ୍ବାଣୀ ରିକ୍ରିଏସନ୍ କ୍ଲବ୍ ତର୍ଫୁ ସମ୍ବଲ୍ପୁର୍ କେନ୍ଦ୍ର ନ ଗଲାକାଏଲ୍ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଇଥି କେନ୍ଦ୍ରର୍ ସହାୟକ ନିର୍ଦ୍ଦେଶକ୍ ସୁବୋଧ୍ କୁମାର୍ ପାଲ୍ ଉପସ୍ଥିତ୍ ଥିଲେ । ସଭାକେ ରିକ୍ରିଏସନ୍ କ୍ଲବ୍ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ପରିଚାଲନା କରିଥିଲେ ଆଉ କାର୍ଯ୍ୟକ୍ରମ୍ ଅଧିକାରୀ ସନ୍ତୋଷ୍ ପିଙ୍ଗ୍ ଧନ୍ୟବାଦ୍ ଦେଇଥିଲେ ।

ଫାଇଲେରିଆ ନିରାକରଣ ପ୍ରସ୍ତୁତି ସମ୍ବଲପୁର ସମ୍ବାଦଦାତା

ଫାଇଲେରିଆ ନିରାକରଣ୍ ଆଉ ଡେଙ୍ଗୁ ନିୟନ୍ତ୍ରଣ୍ ଅଭିଯାନ୍କେ ନେଇକରି ସମ୍ବଲ୍ପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଖାସ୍ କରି ଆଏବା ୧୦ ନୁ ୧୯ ତାରିଖ୍ ଭିତ୍ରେ ଜିଲ୍ଲା ନ ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ୍ ଲାଗି ସାମୂହିକ ଉଷୋ ଖୁଆବାର୍ ଅଭିଯାନ୍ ବାବ୍ଦେ ଆଲୋଚନା କରାଯାଇଥିଲା ।